# NATIONAL NEWS BULLETIN (ODIA)

## 5 October - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଭାରତ ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ।
- ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବ୍ୟବହୃତ ଫର୍ମ-୬ରେ କୌଣସି ପରିବର୍ତ୍ତନକୁ କୋର୍ଟ ଅନୁମୋଦନ କରିନାହାନ୍ତି – ସୁପ୍ରିମ୍‌କୋର୍ଟଙ୍କ ସ୍ପଷ୍ଟୋକ୍ତି ।
- ସୁନାବେଡ଼ା ହାଲ୍‌'ର ୨ହଜାରତମ ଏରୋ ଇଞ୍ଜିନ୍ ହସ୍ତାନ୍ତର ପ୍ରକ୍ରିୟାରେ ଆସନ୍ତାକାଲି ଯୋଗଦେବେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ୨୦୨୬ ବର୍ଷ ଲାଗି ଚିକିତ୍ସା କ୍ଷେତ୍ରରେ ନୋବେଲ ପୁରସ୍କାର ପାଇବା ପାଇଁ ୩ ବିଶେଷଜ୍ଞ ମନୋନୀତ ।

# ଫ୍ରେଞ୍ଚ୍-ସ୍ୱିସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଗି ପାର୍ମେଲାନ୍‌ଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱିପକ୍ଷିୟ ବୈଠକ ପରେ ଦୁଇ ଦେଶ ମଧ୍ୟରେ ୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଗମନାଗମନ କ୍ଷେତ୍ରରେ ଭାଗିଦାରୀ, ଉନ୍ନତ ଜ୍ଞାନକୌଶଳର ସହଯୋଗ, ନିର୍ଦ୍ଧାରିତ ଅଞ୍ଚଳରେ ଗତିଶୀଳତା ବ୍ୟବସ୍ଥା ଏବଂ ଭିତ୍ତିଭୂମିର ଉନ୍ନତିକରଣ, ନବସୃଜନ, ଉଦ୍ୟୋଗିତା ଆଦି କ୍ଷେତ୍ରରେ ଆଧୁନୀକ ଜ୍ଞାନକୌଶଳ ଏବଂ ଯୁବ ବୃତ୍ତିଧାରୀଙ୍କର ଆଦାନପ୍ରଦାନ ଆଦି କ୍ଷେତ୍ରରେ ଏହି ଚୁକ୍ତିନାମା ହୋଇଛି ।

ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତିଙ୍କ ଭାରତ-ସ୍ୱିଜରଲ୍ୟାଣ୍ଡ ସମ୍ପର୍କପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଭାରତ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ ଦେଶଗୁଡ଼ିକ ସହିତ ଗତବର୍ଷ ଅକ୍ଟୋବର ମାସରେ ଐତିହାସିକ ବାଣିଜ୍ୟ ଓ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମା ସ୍ୱାକ୍ଷର କରିଛି । ୟୁରୋପୀୟ ଅର୍ଥନୈତିକ ବ୍ଲକ୍ ସହିତ ଏହା ହେଉଛି ଭାରତର ପ୍ରଥମ ମୁକ୍ତ ବାଣିଜ୍ୟ ଚୁକ୍ତିନାମା । ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ପୁଞ୍ଜିନିବେଶ, ନିଯୁକ୍ତି ସୁଯୋଗ ତଥା ଭାଗିଦାରୀ ସମୃଦ୍ଧି ସୃଷ୍ଟି ହୋଇପାରିବାର ସମ୍ଭାବନା

ରହିଛି । ଏତଦ୍‌ବ୍ୟତୀତ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତ ୧୦୦ ବିଲିୟନ୍ ଆମେରିକୀୟ ଡଲାର୍‌ର ନିବେଶ ଆକୃଷ୍ଟ କରିବା ସହିତ ୧୦ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି –

**V/O-1-PM-EXPORT-INVESTMENT**

ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱ ଶାନ୍ତି ଦିଗରେ ଆଜି ଏହି ଦ୍ୱିପକ୍ଷିୟ ବୈଠକରେ ଆଲୋଚନା ହୋଇଛି । ସେ ୟୁକ୍ରେନ୍ ହେଉ ବା ପଶ୍ଚିମ ଏସିଆ – ସେଠାରେ ଚାଲିଥିବା ବିବାଦ ତଥା ଦ୍ୱନ୍ଦ୍ୱର ସମାଧାନ ଦିଗରେ ଉଭୟ ଦେଶ ମିଳିତ ପ୍ରୟାସ କରିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-GLOBAL-PEACE**

# ଏମ୍‌ଇଏ ବ୍ରିଫିଂ ସ୍ୱିଜରଲ୍ୟାଣ୍ଡ

ଭାରତ ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ପକ୍ଷ ସମ୍ମତି ପ୍ରଦାନ କରିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ

ମନ୍ତ୍ରଣାଳୟର ପଶ୍ଚିମ ବ୍ୟାପାର ସଚିବ ସି.ବି. ଜର୍ଜ୍ କହିଛନ୍ତି, ମେକ୍ ଇନ୍ ଇଣ୍ଡିଆ ଅଧୀନରେ ସ୍ୱିଜରଲ୍ୟାଣ୍ଡର କମ୍ପାନୀଗୁଡ଼ିକ ଭାରତୀୟ କମ୍ପାନୀ ସହିତ ମିଳିତ ଭାବେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରିପାରିବା ସହିତ ଏହି କ୍ଷେତ୍ରର ବିକାଶ ଦିଗରେ କାର୍ଯ୍ୟ କରିବାର ସୁଯୋଗ ପାଇପାରିବେ ।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ସ୍ୱିଜରଲ୍ୟାଣ୍ଡର ରାଷ୍ଟ୍ରପତି ଗି ପାର୍ମେଲାନ୍ ବର୍ତ୍ତମାନ ତିନି ଦିନିଆ ଭାରତ ଗସ୍ତରେ ଆସିଛନ୍ତି । ଭିତ୍ତିଭୂମି, ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ମହାକାଶ କ୍ଷେତ୍ର ଏବଂ ଆଣବିକ ଶକ୍ତି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ଦୁଇ ନେତା ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତିଙ୍କର ସମ୍ମାନାର୍ଥେ ଆଜି ଏକ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ ।

ଶ୍ରୀ ଜର୍ଜ୍ କହିଛନ୍ତି, ଭାରତ-ୟୁରୋପୀୟ ସଂଘ ବାଣିଜ୍ୟସଂଘ ବାଣିଜ୍ୟ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମାର କାର୍ଯ୍ୟକାରିତାର ଏକବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ବୁଧବାର ଦିନ ଆୟୋଜିତ ହେବାକୁ ଥିବା ପ୍ରସ୍ପରେଟୀ ସମ୍ମିଳନୀରେ ଶ୍ରୀ ପାର୍ମେଲାନ୍ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଶ୍ରୀ ଜର୍ଜ କହିଛନ୍ତି, ୨୦୨୭ ଜୁନ୍ ମାସରେ ସ୍ୱିଜରଲ୍ୟାଣ୍ଡ ଜେନେଭାଠାରେ ପରବର୍ତ୍ତୀ କୃତ୍ରିମ ବୁଦ୍ଧିମତା ସମ୍ମିଳନୀ ଆୟୋଜନ କରିବ ବୋଲି ଶ୍ରମ ଜର୍ଜ କହିଛନ୍ତି ।

## ସୁପ୍ରିମ୍‌କୋର୍ଟ୍-ଏସ୍‌ଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବ୍ୟବହୃତ ଫର୍ମ-୬ରେ କୌଣସି ପରିବର୍ତ୍ତନକୁ କୋର୍ଟ ଦ୍ୱାରା ଅନୁମୋଦନ କରାଯାଇ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ସ୍ୱଷ୍ଟ କରିଛନ୍ତି । ଏ ସଂକ୍ରାନ୍ତ ଏକ ଜନସ୍ୱାର୍ଥମ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ କହିଛନ୍ତି, ପରିବର୍ତ୍ତନର କାରଣ ଜାଣିବାପାଇଁ ଆବଶ୍ୟକ ତଥ୍ୟ ମଗାଯାଇଛି । ନିର୍ଦ୍ଧାରିତ ସାମ୍ବିଧାନିକ ପ୍ରକ୍ରିୟା ଅନୁସରଣ କରା ନ ଯାଇ ନିର୍ବାଚନ କମିଶନଙ୍କ ସଫ୍ଟୱେୟାରରେ ଏଭଳି ପରିବର୍ତ୍ତନ କରାଯାଇଥିବା ନେଇ ମାମଲାରେ ଆବେଦନକାରୀ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ପକ୍ଷଙ୍କୁ ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ବିହାରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅବସରରେ ଗତ ମଇ ମାସରେ ସୁପ୍ରିମ୍‌କୋର୍ଟ ସଂଶୋଧିତ ଫର୍ମ-୬କୁ ବୈଧ ବୋଲି ଘୋଷଣା କରିଥିବା ନିର୍ବାଚନ କମିଶନ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଥିଲେ ।

ଅନ୍ୟ ପକ୍ଷରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରି ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କର ଏକତରଫା ନିଷ୍ପତ୍ତି ଅଭିଯୋଗ ଆଧାରରେ ତାଙ୍କୁ ନିଲମ୍ବନ କରିବା ଲାଗି ଅନ୍ତରୀଣ ଆଦେଶ ପ୍ରଦାନ କରିବାକୁ ସୁପ୍ରିମ୍‌କୋର୍ଟ୍ ମନା କରିଛନ୍ତି ।

## ରାଜନାଥ-ହାଲ୍ କୋରାପୁଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ କୋରାପୁଟ ଜିଲ୍ଲା ସୁନାବେଡ଼ାସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍- ହାଲ୍' ଗସ୍ତ କରି ସେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ଅବସରରେ ହାଲ୍ ପକ୍ଷରୁ ନିର୍ମିତ ୨ହଜାରତମ ଏରୋ ଇଞ୍ଜିନ୍‌ର ହସ୍ତାନ୍ତର ପ୍ରକ୍ରିୟା ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ଉପସ୍ଥିତ ରହିବେ । ଏଥିସହିତ କୋରାପୁଟ୍ ସ୍ଥିତ ହାଲ୍' ବିଗତ ୬ ଦଶନ୍ଧି ଧରି ଭାରତର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଏବଂ ସଶସ୍ତ୍ର ବାହିନୀର କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ଦିଗରେ ଐତିହାସିକ ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ସମାରୋହ ଆୟୋଜିତ ହେଉଛି । ଏହି ଅବସରରେ ୨୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଶକ୍ତି ଇଞ୍ଜିନ୍‌ର

ଦ୍ୱିତୀୟ ଉତ୍ପାଦନ ଲାଇନ୍ ପ୍ରତିଷ୍ଠା ଉପରେ ମଧ୍ୟ ଆଲୋକପାତ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## ସେବା ସଂକଳ୍ପ – ବନ୍ଦେ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣଙ୍କୁ 'ବନ୍ଦେ ଭାରତ' ଟ୍ରେନ୍ ଚଳାଚଳ ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ଭାବେ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଥିବା ପଥରେ ଗମନାଗମନ' ଜାତୀୟ ବିକାଶ କ୍ଷେତ୍ରରେ ଏକ କେନ୍ଦ୍ରୀୟ ସ୍ତମ୍ଭ ଭାବେ ଉଭା ହୋଇଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ରେଳବାଇ ପକ୍ଷରୁ ଏକ ଯାତ୍ରୀ କୈନ୍ଦ୍ରିକ ତଥା

ସୁରକ୍ଷିତ ଓ ଦ୍ରୁତଗାମୀ ଯାତ୍ରାକୁ ସଫଳ କରିବା ଦିଗରେ ବନ୍ଦେ ଭାରତ ଟ୍ରେନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

୨୦୧୯ ଫେବୃୟାରୀ ମାସରେ ଏହି ବନ୍ଦେ ଭାରତ ଏକ୍ସପ୍ରେସ୍ର ଶୁଭାରମ୍ଭ କରାଯାଇ ପ୍ରଥମେ ନୂଆଦିଲ୍ଲୀ-ବାରାଣାସୀ ରେଳପଥରେ ଯାତ୍ରା କରିଥିଲା । ଗତବର୍ଷ ନଭେମ୍ବର ମାସରେ ବାରାଣାସୀଠାରୁ ୪ଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ର ଶୁଭାରମ୍ଭ କରିବା ଅବସରରେ ଆୟୋଜିତ ଜନସମାବେଶରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ, ଭାରତୀୟ ରେଳବାଇର ଆଗାମୀ ପିଢ଼ିଲାଗି ବନ୍ଦେ ଭାରତ ଭଳି ଟ୍ରେନ୍‌ଗୁଡ଼ିକ ଭିତ୍ତିଭୂମି ସ୍ଥାପନ କରୁଛନ୍ତି । ଏଭଳି ଟ୍ରେନ୍ର ସଫଳ ଯାତ୍ରା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି – **V/O**

# ନୋବେଲ୍-ମେଡିସିନ୍

୨୦୨୬ ବର୍ଷ ଲାଗି ଚିକିତ୍ସା କ୍ଷେତ୍ରରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି । ମଣିଷର ମସ୍ତିଷ୍କର ଅନୁଧ୍ୟାନ ଲାଗି କାର୍ଲ ଡିସେରୋଥ୍, ପିଟର ହେଗେମାନ୍ନ ଏବଂ ଜର୍ଜ ନାଗେଲଙ୍କୁ ସେମାନଙ୍କ ଦ୍ୱାରା ଆବିଷ୍କୃତ ଅତ୍ୟାଧୁନିକ ଜ୍ଞାନକୌଶଳ ପଦ୍ଧତି ଲାଗି ଏହି ପୁରସ୍କାର ପ୍ରଦାନ କରାଯିବ । ଆଜି ଷ୍ଟକ୍‌ହୋମ୍ ସ୍ଥିତ କାରୋଲିନ୍‌ସ୍କା ପ୍ରତିଷ୍ଠାନ ଦ୍ୱାରା ଏହି ଘୋଷଣା କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ମସ୍ତିଷ୍କର ସ୍ମୃତି

ଶକ୍ତି, ଭାବନା ଓ ବ୍ୟବହାରକୁ ଉତ୍ତମ ରୂପେ ହୃଦୟଙ୍ଗମ କରିବା ଗବେଷକମାନେ ଅନେକ ଦିନରୁ ଚେଷ୍ଟା କରି ଆସୁଥିଲେ । ତେବେ ନୋବେଲ୍ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଥିବା ଏହି ତିନି ବିଶେଷଜ୍ଞଙ୍କ ନୂତନ ପଦ୍ଧତି **light-gated ion channels and optogenetics** ମାଧ୍ୟମରେ ଏକ ସଚଳ ମସ୍ତିଷ୍କର ସ୍ନାୟୁଗୁଡ଼ିକୁ କିଭଳି ସତେଜ ତଥା ନିସ୍ତେଜ କରାଯାଇପାରିବ ସମ୍ପର୍କରେ ସୂଚନା ମିଳି ପାରୁଛି ।